# କାହିଁକି ମୁଁ ଅନ୍‌ଲାଇନ୍ ସତ୍ୟପାଠ ବ୍ୟବହାର କରିବା ଉଚିତ୍ ଏବଂ କିପରି ଏହା ମୁଁ ବ୍ୟବହାର କରିପାରିବି ?

## କାହିଁକି ?

1. ପ୍ରତ୍ୟେକ ଛାତ୍ର ଏବଂ ତାଙ୍କର ମାତାପିତାଙ୍କ ପାଇଁ ଏହା ବାଧ୍ୟତାମୂଳକ ଅଟେ ଯେ ପ୍ରଥମ ଆଡ୍‌ମିସନ୍ ସମୟରେ ଏବଂ ତା'ପରେ ପ୍ରତ୍ୟେକ ବର୍ଷ ବାର୍ଷିକ ପଞ୍ଜୀକରଣ ସମୟରେ ସେମାନେ ରାଗିଂବିରୋଧି ସତ୍ୟପାଠ ଦାଖଲ କରିବେ | ଏଗୁଡ଼ିକ ୟୁଜିସିର ଧାର୍ଯ୍ୟ ନିୟମ |

2. ଏହା ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଯେ ଏହି ସତ୍ୟପାଠ ଗୁଡ଼ିକରୁ ଯୋଗାଯୋଗ ବିବରଣୀ ଗୁଡ଼ିକ ନିଶ୍ଚିତଭାବେ ସଂଗୃହୀତ କରାଯିବ ଏବଂ ଏକ କେନ୍ଦ୍ରୟ ସ୍ଥାନରେ ତାହା ବୈଦ୍ୟୁତିକ ଭାବେ ଗଚ୍ଛିତ କରି ରଖାଯିବ |

3. ଏପର୍ଯ୍ୟନ୍ତ ପ୍ରତ୍ୟେକ କଲେଜ ଏଭଳି ସୂଚନା ସଂଗ୍ରହ କରିଛନ୍ତି | କିନ୍ତୁ ଏହା କୌଣସି କେନ୍ଦ୍ରୀୟ ସ୍ଥାନରେ ଗଚ୍ଛିତ କରାଯାଇନଥିଲା | କିନ୍ତୁ ଏହି ବର୍ଷ [ରାଗିଂ ପ୍ରିଭେନ୍‌ସନ୍ ପ୍ରୋଗ୍ରାମ୍]ରାଗିଂ ପ୍ରତିରୋଧ କାର୍ଯ୍ୟକ୍ରମ ରାଗିଂବିରୋଧି ସତ୍ୟପାଠ ଗୁଡ଼ିକୁ ଡ଼ାଉନ୍‌ଲୋଡ୍ କରିବାପାଇଁ ଏକ ଅନ୍‌ଲାଇନ୍ ପ୍ରକ୍ରିୟାର ବିକାଶ କଲା | ଯାହାର ଫଳସ୍ୱରୂପ କଲେଜ କର୍ତ୍ତୃପକ୍ଷଙ୍କୁ ପୃଥକଭାବେ ସୂଚନା ସଂଗ୍ରହ କରିବାକୁ ପଡ଼ିବନାହିଁ ଏବଂ ସଂକଳନ କରିବାକୁ ପଡ଼ିବନାହିଁ | ଏହା ସେମାନଙ୍କର ଅନେକ ସମୟ ଏବଂ ପରିଶ୍ରମର ସଞ୍ଚୟ କରିବ |

## କିପରି?

4. ତୋନୋଟି ଉପାୟବିଶିଷ୍ଟ ଏହା ଏକ ସରଳ ପ୍ରକ୍ରିୟା
   - ଉପାୟ 1: www.ANTIRAGGING.in
   - ଉପାୟ 2: ଆବଶ୍ୟକ ହେଉଥିବା ଭଳି ସୂଚନାଗୁଡ଼ିକୁ ପୁରଣ କରନ୍ତୁ ଏବଂ ଫର୍ମ କୁ ଦାଖଲ କରନ୍ତୁ |
   - ଉପାୟ 3: ସଫଳତା ସହ ସମ୍ପୂର୍ଣ୍ଣ କଲାପରେ ଆପଣ ଉଭୟ ଛାତ୍ର ଏବଂ ମାତାପିତାଙ୍କ ପାଇଁ ଇମେଲ୍ ଜରିଆରେ ସତ୍ୟପାଠ ପ୍ରାପ୍ତ କରିପାରିବେ |

5. ଯଦି ଆପଣଙ୍କର ଇମେଲ୍  ଠିକଣା ନାହିଁ ତେବେ ଲଗ୍‌ଇନ୍ କଲାପୁର୍ବରୁ ଗୋଟିଏ ଠିକଣା ତିଆରି କରନ୍ତୁ | ଯଦି ଆପଣଙ୍କର ମାତାପିତାଙ୍କର ଇମେଲ୍/ମୋବାଇଲ୍/ଲାଣ୍ଡଲାଇନ୍ **ଫୋନ୍** ନମ୍ବର ନାହିଁ ତେବେ **ବ୍ୟସ୍ତ** ହୁଅନ୍ତୁ ନାହିଁ | ଆପଣ ଆପଣଙ୍କର ବନ୍ଧୁ କିମ୍ବା ସମ୍ପର୍କୀୟ ମାନଙ୍କର ଠିକଣା ବା ନମ୍ବର ଦେଇପାରିବେ  | ବ୍ୟସ୍ତ ହେବାର ଆଦୌ କୌଣସି କାରଣ ନାହିଁ | ଆପଣ ଫର୍ମ ଦାଖଲ କରିବା ସମୟରେ ଯଦି କିଛି ଭୂଲ୍ କରନ୍ତି ତେବେ ପୁଣିଥରେ ଆପଣ ଆରମ୍ଭ କରିପାରିବେ ଏବଂ ସୂଚନାକୁ ପୁନର୍ବାର ଦାଖଲ କରିପାରିବେ | କୌଣସି ଅସୁବିଧା ନାହିଁ | ଏହା ଏକ ଖୁବ୍ ସହଜ ପ୍ରକ୍ରିୟା ଅଟେ |